**Generating voters' awareness among the handloom weavers**

"*Shraddha*", NGO took steps for generating voters' awareness among the handloom weavers on the eve of the General Elections 2024.

A brief was prepared in local odiya with salient features of the democratic form of government and the rights and responsibilities of the citizens under the Constitution and given to the weavers.(copy enclosed )

Assistance was provided for ensuring that all the eligible voters are registered in the electoral rolls. Those, whose names have been missed out, were supported for inclusion of names in the electoral rolls by following laid down procedure

Further the voters were provided the booth number, location of the booth and serial number of the voter in the electoral rolls, election schedule and were advised to exercise their franchise free any fear and favors.





“ଶ୍ରଦ୍ଧା” ସ୍ୱେଚ୍ଛାସେବୀ ଅନୁଷ୍ଠାନ
Society for Development of Human Resources Through Handloom and allied activitie
(SHRADDHA)
Regd. No : 19575/7 of 1994-95, Email : shraddhahandloom94@gmail.com,
Regd. Office : Sidheswar Sahi, Cuttack, Orissa- 753008,

**ମତଦାତାଙ୍କୁ ନିର୍ବାଚନ ବିଷୟରେ ଜାଗ୍ରତ କରିବା ପାଇଁ କିଛି ସୂଚନା ।**

ସାରା ବିଶ୍ୱରେ ଥିବା ଶାସନ ବ୍ୟବସ୍ଥା ମଧ୍ୟରେ, ଗଣତନ୍ତ୍ର ସର୍ବୋତ୍ତମ। ଏହାର ମୁଖ୍ୟ କାରଣ ହେଉଛି ଯେ, ଗଣତନ୍ତ୍ରରେ ଲୋକ ମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ଶାସନ ବ୍ୟବସ୍ଥା ଚଳାନ୍ତି । ନିର୍ଦ୍ଧିଷ୍ଟ ସମୟ ବ୍ୟବଧାନରେ, ସମ୍ବିଧାନ ଅନୁଯାୟୀ ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ନିର୍ବାଚନ ହୋଇଥାଏ। ଏହି ନିର୍ବାଚନର ଫଳାଫଳ ଉପରେ, ଯେଉଁ ଦଳର ସବୁଠାରୁ ଅଧିକ ପ୍ରତିନିଧି ନିର୍ବାଚିତ ହୁଅନ୍ତି , ସେହି ଦଳ ପରବର୍ତ୍ତୀ ନିର୍ବାଚନ ପର୍ଯନ୍ତ ଦେଶ ତଥା ରାଜ୍ୟର ଶାସନ ବ୍ୟବସ୍ଥାର ଦାୟିତ୍ୱ ବହନ କରନ୍ତି।

ସମ୍ବିଧାନ ଅନୁଯାୟୀ ଆମ ଦେଶର ଶାସନ ବ୍ୟବସ୍ଥା ଦୁଇ ଥାକିଆ ଯଥା କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର । କେନ୍ଦ୍ର ସ୍ତରରେ ସାଂସଦର ଲୋକ ସଭାର ୫୪୩ ସ୍ଥାନ ତଥା ଓଡ଼ିଶା ରାଜ୍ୟ ସ୍ତରରେ ଓଡ଼ିଶାର ବିଧାନ ସଭାର ୧୪୩ ସ୍ଥାନ ପାଇଁ, ୨୦୧୯ ରେ ଗତ ସାଧାରଣ ନିର୍ବାଚନ ହୋଇଥିଲା । ଏହି ନିର୍ବାଚନରେ ଲୋକ ସଭାର ସବୁଠାରୁ ଅଧିକ ଆସନ ଜିତି ଭାରତୀୟ ଜନତା ପାର୍ଟି ଶ୍ରୀ ନରେନ୍ଦ୍ର ମୋଦୀଙ୍କର ନେତୃତ୍ୱରେ କେନ୍ଦ୍ର ସରକାର ଗଠନ କରି ଗତ ପାଞ୍ଚ ବର୍ଷ ଧରି ଶାସନ ବ୍ୟବସ୍ଥା ଚଳାଉଛନ୍ତି। ଠିକ୍ ସେହିପରି, ଓଡ଼ିଶା ରାଜ୍ୟରେ ରାଜ୍ୟ ବିଧାନ ସଭାର ସବୁଠାରୁ ଅଧିକ ଆସନ ଜିତି, ବିଜୁ ଜନତା ଦଳ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ, ରାଜ୍ୟ ଶାସନ ଚଳାଉଛନ୍ତି। ପାଞ୍ଚ ବର୍ଷ ସମୟ ପୂରିବା ପୂର୍ବରୁ, ନୂଆ ସରକାର ଗଠନ କରିବା ପାଇଁ, ଭାରତର ନିର୍ବାଚନ କମିଶନ ଗତ ମାର୍ଚ୍ଚ ମାସର ୧୬ ତାରିଖ ଦିନ ନିର୍ବାଚନ କାର୍ଯସୂଚୀ ଘୋଷଣା କରିଛନ୍ତି।

**ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ**, **ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଅନେକ ତ୍ୟାଗ ଓ ବଳିଦାନ ଫଳରେ** ଆମ ଦେଶ ଇଂରେଜ ଶାସନରୁ ମୁକ୍ତ ହେଲା ଏବଂ ଆମେ ସ୍ୱାଧୀନ ଦେଶର ନାଗରିକ ହେଲୁ। ଏହାର ପ୍ରତି ବଦଳରେ, ଆମ ଦେଶର ଶାସନ ବ୍ୟବସ୍ଥା ସୁଦୃଢ଼ କରି ଦେଶକୁ ବିକାଶ ପଥରେ ଆଗେଇ ନେବାର **ଗୁରୁ ଦାୟିତ୍ୱ ସମସ୍ତ ନାଗରିକ ମାନଙ୍କର।** ଏହି ଦୃଷ୍ଟିରୁ **ସାଧାରଣ ନିର୍ବାଚନରେ ଭାଗ ନେଇ ସୁଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବା,** ସମସ୍ତ ନାଗରିକ ମାନଙ୍କର **ଏକ ସାମ୍ବିଧାନିକ ଅଧିକାର ତଥା ଦାୟିତ୍ୱ।**

ଏହି ଦାୟିତ୍ୱ ପାଳନ କରିବା ପାଇଁ **ପ୍ରତ୍ୟେକ ନାଗରିକ ମାନଙ୍କର କର୍ତ୍ତବ୍ୟ** ଗୁଡ଼ିକ ହେଲା।

୧.ସ୍ଥାୟୀ ବାସିନ୍ଦା ଭାବେ ରହୁଥିବା ଅଞ୍ଚଳର ନିର୍ବାଚନ ଅଧିକାରୀଙ୍କ ସହ ଯୋଗାଯୋଗ କରି **ମତ ଦାତା ସୂଚୀ ବା ଭୋଟର ତାଲିକାରେ** ନିଜର ନାମ, ବୟସ ତଥା **ମତଦାତା କ୍ରମିକ ସଂଖ୍ୟା** ଆଦି ଦେଖି ଠିକ୍ କରି ନେବା। କୌଣସି ଭୁଲ ଥିଲେ ତାହା ଠିକ୍ କରିବା ପାଇଁ ପଦକ୍ଷେପ ନେବା।

୨. ଅଠର ବର୍ଷ ହୋଇଥିବା ଯୁବକ ଯୁବତୀ ମାନେ **ନୂଆ ଭୋଟର** ଭାବେ **ମତ ଦାତା ସୂଚୀ ବା ଭୋଟର ତାଲିକାରେ** ନିଜର ନାମ ନଥିଭୁକ୍ତ କରାଇବା ପାଇଁ ଜନ୍ମ ତାରିଖ, ସ୍ଥାୟୀ ଠିକଣା ଆଦି କାଗଜ ସହ ପଦକ୍ଷେପ ନେବା।

୩. ଆବଶ୍ୟକୀୟ ବିବରଣୀ ସହ ଆବେଦନ କରି, ନିଜର ଫଟୋ ଥିବା **ମତଦାତା ସଚିତ୍ର ପରିଚୟ ପତ୍ର** (EPIC) ହାସଲ କରିବା ।

୪. ନିଜର ନାମ **କେଉଁ ମତ ଦାନ କେନ୍ଦ୍ରରେ** ଅଛି ଓ କେଉଁ **ମତଦାତା କ୍ରମିକ ସଂଖ୍ୟା** ରେ ଅଛି, ତାହା ଜାଣି ରଖିବା ।

୫. ଏହି ସବୁ କାମ ପାଇଁ କୌଣସି ଅର୍ଥ ଦେବାକୁ ପଡ଼ିବ ନାହିଁ। ଅଧିକନ୍ତୁ ଏହି କାମ ପାଇଁ ସାଧାରଣ ଭୋଟରଙ୍କୁ ସାହାଯ୍ୟ କରିବା ପାଇଁ ନିର୍ବାଚନ କମିଶନ ପକ୍ଷରୁ ସଂପୃକ୍ତ ଅଫିସର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି କାମ ପାଇଁ ବୟସ୍କ, ମହିଳା ତଥା ଭିନ୍ନକ୍ଷମ୍ ଲୋକ ମାନଙ୍କର ସୁବିଧା ପାଇଁ ବିଶେଷ ଦୃଷ୍ଟି ଦେବାକୁ କୁହାଯାଇଛି।

୬. ନିର୍ବାଚନ ଦିନ (**ମତ ଦାନ ଦିବସ)ର** ପୂର୍ବାହ୍ନରେ ନିର୍ଦ୍ଦିଷ୍ଟ ସମୟରେ ଭୋଟର ପରିଚୟ ପତ୍ର ସହ **ମତ ଦାନ କେନ୍ଦ୍ରରେ ପହଞ୍ଚିବା** ଓ **କୌଣସି ଭୟ ବା ଆକର୍ଷଣର ବଶବର୍ତ୍ତି ନ ହୋଇ**, ନିଜ **ସ୍ୱାଧୀନ ଚିନ୍ତାରେ ଯୋଗ୍ୟ ପ୍ରାର୍ଥୀଙ୍କ ପକ୍ଷରେ ବୋତାମ ଟିପି** ନିଜର ଅଧିକାର ସାବ୍ୟସ୍ଥ କରିବା।

୭. ନିର୍ବାଚନରେ **କୌଣସି ଭୟ ନ କରି** ନିଜର ବିଚାର ଅନୁଯାୟୀ ଭୋଟ ଦେବା ଉଚିତ୍। ଜଣେ ମତଦାତା କାହା ସପକ୍ଷରେ ଭୋଟ ଦେଲେ, ତାହା ସଂପୂର୍ଣ୍ଣ ଗୋପନୀୟ ରହେ, ଏହି ବିଷୟରେ କେହି ଜାଣିପାରିବେ ନାହିଁ । ଏହି ବିଷୟ କାହା ସହିତ ଆଲୋଚନା କରିବା ଆବଶ୍ୟକ ନୁହେଁ।ଏହି ବିଷୟରେ ଜାଣିବା ପାଇଁ କେହି ମତଦାତାଙ୍କୁ ବାଧ କଲେ ତାହା ଦଣ୍ଡନୀୟ ।

ଏହି ପରିପ୍ରେକ୍ଷୀରେ ଆଗାମୀ ନିର୍ବାଚନରେ ଲୋକ ସଭା ସଦସ୍ୟ ତଥା ଓଡ଼ିଶା ବିଧାନ ସଭା ସଦସ୍ୟ ପାଇଁ ନିଜର ଇଚ୍ଛା ଅନୁସାରେ ସୁଯୋଗ୍ୟ ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇ, ଭୋଟ କେନ୍ଦ୍ରରେ ନିଜର ଭୋଟ ଦେଇ ,ଆମ ଦେଶର ଗଣତନ୍ତ୍ରକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ବିଶେଷ ଅନୁରୋଧ।